# ମାଗଣା ସ୍ୱାସ୍ଥ୍ୟ ସେବା ଶିବିର



ବଡସାହି, ୪/୩ (ଇମିସ): ବଡସାହି ବ୍ଲକର ଯଦୁନାଥପୁର ପଞ୍ଚାୟତରେ ପଞ୍ଚାୟତ କାର୍ଯ୍ୟାଳୟରେ ଆଇଆରଡିପି ଏବଂ ରାଇଟସ୍ ସଂସ୍ଥାର ମିଳିତ ଆନୁକୂଲ୍ୟରେ ଗତକାଲି ୩ ତାରିଖରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ସଂସ୍ଥାର ସଂଯୋଜକ ପ୍ରଶାନ୍ତ କୁମାର ଭୂୟାଁ ଯୋଗ ଦେଇ ସ୍ୱାସ୍ଥ୍ୟସେବା ସମ୍ପର୍କରେ ସଚେତନ କରିବା ସହିତ ସ୍ୱାସ୍ଥ୍ୟସେବାର ସୁଯୋଗ ନେବାକୁ କହିଥିଲେ। ଏହି ସ୍ୱାସ୍ଥ୍ୟ ସେବା ଶିବିରରେ ଶିଶୁ, ଅସ୍ଥିଶଲ୍ୟ, ଭେଷଜ ବିଶେଷଜ୍ଞ ଡାକ୍ତର ପିନାକୀ ମହାନ୍ତି, ଡାକ୍ତର ନର୍ମଦା ମହାଲା ଉପସ୍ଥିତ ରହି ୩୪୦ରୁ ଅଧିକ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ମାଗଣାରେ ଔଷଧ ବଣ୍ଟନ କରିଥିଲେ। ଏହି ସ୍ୱାସ୍ଥ୍ୟ ସେବା ଶିବିରରେ ପଞ୍ଚାୟତର ସରପଞ୍ଚ କୁନି ସିଂ, ସମାଜସେବୀ କରୁଣାକର ମହାନ୍ତି, ତପନ କୁମାର ବଳ, ଗୌତମ ମହାନ୍ତି, ରଞ୍ଜିତା ସିଂ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।